## କରତକଳରେ ଚଢ଼ାଉ

ବାସୁଦେବପୁର,(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବଡ଼ଆନନ୍ଦପୁର ଗ୍ରାମରେ ଚାଲିଥିବା ଏକ ବେଆଇନ କରତକଳରେ ଶୁକ୍ରବାର ବନ ବିଭାଗ ଚଢ଼ାଉ କରିଛି। କାଠ ସମେତ କରତକଳର ଯନ୍ତ୍ରାଂଶ ଜବତ ହୋଇଛି। ଭାରପ୍ରାପ୍ତ ଡିଏଫ୍ଓ ସାଧନା ବେହେରାଙ୍କ ସମେତ ବାସୁଦେବପୁର ରେଞ୍ଜର ସୁଶାନ୍ତ ମହାନ୍ତି ଓ ବନ ବିଭାଗ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଚଢ଼ାଉ ଜାରି ରହିଥିଲା।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ମୃତ

**ଢେଙ୍କିକୋଟ/ପାଟଣା, ୨୫।୬(ଡି.ଏନ.ଏ./ସ୍ୱ.ପ୍ର.):** କେନ୍ଦୁଝର ଜିଲା ଢେଙ୍କିକୋଟ ଓ ପାଟଣାରେ ଗୁରୁବାର ପୋଖରିରେ ବୁଡ଼ି ୨ଜଣଙ୍କ ପ୍ରାଣହାନୀ ଘଟିଛି। ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସାନମସିଣାବିଲା ଗ୍ରାମରେ କବିତା ଲୋହାର ନାମ୍ନୀ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଘର ନିକଟସ୍ଥ ପୋଖରୀକୁ ଯାଇଥିବା ବେଳେ ପୋଖରିରେ ଗୋଡ଼ ଖସି ଯାଇଥିଲା। ଢେଙ୍କିକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୨୯/୨୧) ରୁଜୁକରି ତଦନ୍ତ ଜାରି ରଖିଛନ୍ତି। ସେହିପରି ପାଟଣା ବ୍ଲକ ଖିରେଇଟାଙ୍ଗିରି ପଞ୍ଚାୟତ ଖିରେଇଟାଙ୍ଗିରି ମଝି ସାହିର ନବୀନ ମହାରଣା ନାମକ ଜଣେ ଶୁକ୍ରବାର ପୂର୍ବାହ୍ନରେ ପୋଖରୀରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ଖବର ପାଇ ତୁରୁମୁଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ. ୧୮/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

### ଟ୍ରକ୍‌ରୁ ଚୋରି ଉଦ୍ୟମ ବେଳେ ଦୁର୍ବୃତ୍ତଙ୍କୁ ମାଡ଼

**ଯୋଡ଼ା,୨୫।୬(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ବାଂଶପାଣିଠାରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ଗାଡି ପାର୍କିଂରେ ଛିଡାହୋଇଥିବା ଟ୍ରକ୍ ଗୁଡିକରୁ ଯନ୍ତ୍ରାଂଶ ଚୋରି କରୁଥିବାବଳେ ଡ୍ରାଇଭରଙ୍କ ହାତରେ ଧରା ପଡି ନିସ୍ତୁକ ମାଡ଼ ଖାଇଥିଲେ। ତେବେ ଦୁର୍ବୃତ୍ତ ଜଣକ ମାଡ଼ ଭୟରେ ନିଜର ବାଇକ୍‌କୁ ଛାଡି ଚମ୍ପଟ ମାରିଥିଲେ। ଏନେଇ ଡ୍ରାଇଭରମାନେ ପୋଲିସ ପାଖରେ ଜଣାଇବା ସହିତ ଦୁର୍ବୃତ୍ତଙ୍କ ବାଇକକୁ ପୁଲିସ ପାଖରେ ଜିମା ଦେଇଥିଲେ। ଏହି ଘଟଣାରେ ତଦନ୍ତ ଆରମ୍ଭ କରିଥିବା ଯୋଡ଼ା ଥାନା ଆଇଆଇସି ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଝୁମ୍ପୁରା, ୨୫।୬ (ଡି.ଏନ.ଏ.):** ୨୦ନଂ ଜାତୀୟ ରାଜପଥର ଅର୍ଶଳା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ରାସ୍ତା ପାର୍ଶ୍ୱରେ ପାର୍କିଂ ହୋଇଥିବା ଏକ ଟ୍ରକ ପଛରେ ଟାଟା ମ୍ୟାଜିକ ଧକ୍କା ଦେବାରୁ ଟାଟା ମ୍ୟାଜିକରେ ଥିବା ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ, ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ, ଚନ୍ଦନ କୁମାର ଯାଦବ। ଝୁମ୍ପୁରା ପୋଲିସ ଅନ୍ୟ ଆହତ ଯୁବକଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛି। ଏମାନଙ୍କ ଘର ଝାଡଖଣ୍ଡ ଅଞ୍ଚଳରେ।

### କ୍ରୀଡ଼ାର ବିକାଶ ନେଇ ୫-ଟି ସଚିବଙ୍କ ସହ ଆଲୋଚନା

**ଭଦ୍ରକ ଅଫିସ, ୨୫।୬:** ଭଦ୍ରକରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ଶୁକ୍ରବାର ପୂର୍ବାହ୍ନରେ ଭିଡିଓ କନଫରେନ୍ସ ମାଧ୍ୟମରେ ୫ ଟି ସଚିବ ଭି. କେ. ପାଣ୍ଡିୟାନଙ୍କ ସହ ଆଲୋଚନା କରାଯାଇଛି। ମୁଖ୍ୟତଃ ଜିଲାରେ ଏକ ମଲ୍‌ଟି ପର୍ପଜ ଇନ୍‌ଡୋର ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଅତିସ ବେହେରା, ତାହେରା ଖାତୁନ, ରାଜଲକ୍ଷ୍ମୀ ଡାକୁଆ, ଚିନ୍ମୟ ବେହେରା, ପ୍ରବୀର ଜେନା, ମାନସ ମହାନ୍ତି, ରାଜ୍ୟ, ଦେଶ ଓ ଅର୍ନ୍ତଜାତୀୟ ଖେଳାଳି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି ଉଦ୍ଦେଶ୍ୟରେ ବିଧାୟକଙ୍କ ଜରିଆରେ ଏକ ଦାବିପତ୍ର ପଠାଯାଇଥିଲା। ଏହାର ପ୍ରତ୍ୟୁତ୍ତରରେ ସଚିବ ପାଣ୍ଡିୟାନ ଖୁବ୍‌ଶୀଘ୍ର ଅଗ୍ରାଧିକାର ଭିତ୍ତିରେ ଭଦ୍ରକରେ ଏହା ପ୍ରତିଷ୍ଠା କରାଯିବା ପାଇଁ ସମ୍ମତି ପ୍ରଦାନ କରିଥିଲେ।

### ହନୁମାନ ମନ୍ଦିର ପ୍ରତିଷ୍ଠା

**ସିମୁଳିଆ, ୨୫।୬(ଡି.ଏନ.ଏ.):** କରୋନା ସଚେତନତାକୁ ଦୃଷ୍ଟିରେ ରଖି ଗୁରୁବାର ପବିତ୍ର ସ୍ନାନ ପୂର୍ଣ୍ଣମୀ ଅବସରରେ ସିମୁଳିଆ ବ୍ଲକ ବାଉରିପଦା ଅଞ୍ଚଳରେ ଶ୍ରୀ ହନୁମାନଜୀଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ମନ୍ଦିର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବୁଧବାର ସ୍ଥାନୀୟ ଅଞ୍ଚଳର ନୂଆଗଡିଆରୁ ୨୧ଟି ଘଟୋତ୍ତଳନ କରାଯାଇ ନଗର ପରିକ୍ରମା ଓ ଅନ୍ୟାନ୍ୟ ରୀତିନୀତି ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ବ୍ରତୀ ଚକ୍ରଧର ରାଉତଙ୍କ ସମେତ ୨୧ଜଣ ବ୍ରତୀ ଥିଲେ । ୮ଜଣ ପଣ୍ଡିତ ଏକ ହଜାର ଆହୁତି, ଶ୍ରୀରାମ ଓ ହନୁମାନ ସ୍ତବ ସ୍ତୋତ୍ର, ବିଧି ଉପଚାର ପୂଜାର୍ଚ୍ଚନା, ଚକ୍ର ସ୍ଥାପନା ଆଦି କରିଥିଲେ । ମୁଖ୍ୟ ପଣ୍ଡିତ ରୂପେ ନିଶାକର ପାଣିଗ୍ରାହୀ, ଲକ୍ଷ୍ମଣ କୁମାର ତ୍ରିପାଠୀ, ରଘୁନାଥ ପଣ୍ଡା, ପଦ୍ମନାଭ ଦାଶ ପ୍ରମୁଖ ଥିଲେ । ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ୟମରେ ଗତ ୧୦ବର୍ଷଧରି ଏହି ମନ୍ଦିର କାର୍ଯ୍ୟ ନିର୍ମାଣ ଚାଲୁରହିଥିଲା ।

# ଉତ୍ତର ଓଡ଼ିଶା: ଛାତ୍ରୀ ଆଗରେ

**ବାଲେଶ୍ୱର ଅଫିସ/ ବାରିପଦା ଅଫିସ/ ଭଦ୍ରକ ଅଫିସ/କେନ୍ଦୁଝର, ୨୫।୬(ସ୍ୱ.ପ୍ର./ଡି.ଏନ.ଏ.):**

- ବାଲେଶ୍ୱରରେ ପାସ୍ ହାର ୯୮.୫୯ ପ୍ରତିଶତ
- ଭଦ୍ରକରେ ୯୮% ପାସ୍ ହାର
- କେନ୍ଦୁଝରରେ ୯୭.୭୬%
- ମୟୂରଭଞ୍ଜରେ ୯୭.୭୨%

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥର ଉତ୍ତର ଓଡିଶାରେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଆଗରେ ରହିଛନ୍ତି। ବାଲେଶ୍ୱର ଜିଲାରେ ପାସ୍‌ହାର ୯୮.୫୯ ପ୍ରତିଶତ ହୋଇଥିବାବେଳେ ମୟୂରଭଞ୍ଜରେ ୯୭.୭୨ପ୍ରତିଶତ, ଭଦ୍ରକରେ ୯୮ ପ୍ରତିଶତ ଏବଂ କେନ୍ଦୁଝରରେ ପାସ ହାର ୯୭.୭୬ ପ୍ରତିଶତ ଥିବା ସୂଚନା ମିଳିଛି। ଏଥିସହ ଏଥର ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀ ଆଗରେ ରହିଥିବା ପ୍ରକାଶିତ ଫଳରୁ ଜଣାପଡ଼ିଛି।। ବାଲେଶ୍ୱର ଜିଲାରେ ୩୩ହଜାର ୩୬୨ଜଣ(ରେଗୁଲାର) ଛାତ୍ରୀଛାତ୍ରଙ୍କ ମଧ୍ୟରୁ 'ଏ ୧' ଗ୍ରେଡ୍‌ରେ ୩୪୯, 'ଏ ୨' ଗ୍ରେଡ୍‌ରେ ୨ହଜାର ୭୭୫, 'ବି ୧' ଗ୍ରେଡ୍‌ରେ ୫ହଜାର ୧୫୫, 'ବି ୨' ଗ୍ରେଡ୍‌ରେ ୭ହଜାର ୮୦୭, 'ସି' ଗ୍ରେଡ୍‌ରେ ୭ ହଜାର ୯୯୦, ଡି' ୫ ହଜାର ୮୬୫, 'ଇ' ଗ୍ରେଡ୍‌ରେ ୩ହଜାର ୪୨୧ଜଣ ପାସ୍ ହୋଇଥିବା ବେଳେ 'ଏଫ୍' ଗ୍ରେଡ୍‌ରେ ୩୨୧ ଜଣ ରହିଛନ୍ତି। ସେଥିମଧ୍ୟରୁ ଛାତ୍ରୀ ୧୬,୭୪୪ ଓ ଛାତ୍ର ୧୬,୬୧୮ ଅଛନ୍ତି। ମୟୂରଭଞ୍ଜ ଜିଲାରେ ୧୭,୩୮୪ଜଣ ଛାତ୍ର ଓ ୧୯,୦୬୭ଜଣ ଛାତ୍ରୀଙ୍କୁ ମିଶାଇ ୩୬,୪୫୧ଜଣ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ 'ଏ୧'ରେ ୮୧ଜଣ, 'ଏ୨'ରେ ୭୭୫ଜଣ, 'ବି୧'ରେ ୨,୩୪୧ଜଣ, 'ବି୨'ରେ ୫,୨୬୬ଜଣ, 'ସି'ରେ ୯,୩୧୩ଜଣ, 'ଡି'ରେ ୧୨,୬୧୮ଜଣ ଓ 'ଇ'ରେ ୬,୦୫୭ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୩୮୮ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଭଦ୍ରକ ଜିଲାରେ ମୋଟ ୨୨,୭୫୫ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି। ସେଥିମଧ୍ୟରୁ 'ଏ୧' ଗ୍ରେଡ୍‌ରେ ୯୯, 'ଏ୨'୧୦୧୫, 'ବି୧'ରେ ୨୩୭୫, 'ବି୨'ରେ ୪୨୩୯, 'ସି' ୫୬୧୬, 'ଡି'ରେ ୫୨୨୬ ଓ 'ଇ'ଗ୍ରେଡ୍‌ରେ ୪୧୮୫ ଥିବାବେଳେ ୩୦୭ ଜଣ ଫେଲ୍ ହୋଇଛନ୍ତି। ପାସ୍ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧,୬୧୨ ଜଣ ଛାତ୍ରୀ ଥିବାବେଳେ ୧୧,୧୪୩ ଜଣ ଛାତ୍ର ଅଛନ୍ତି। କେନ୍ଦୁଝର ଜିଲାରେ ୪୭୬ ବିଦ୍ୟାଳୟରୁ ୨୪,୬୯୩ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେଥିରୁ ୧୧,୮୮୧ ଜଣ ଛାତ୍ର ଓ ୧୨,୮୧୨ ଜଣ ଛାତ୍ରୀ ଥିବାବେଳେ 'ଏ୧'ଗ୍ରେଡରେ ୧୧୨ ଜଣ, 'ଏ୨'ଗ୍ରେଡରେ ୧୦୧୫ ଜଣ, 'ବି୧' ଗ୍ରେଡ ରେ ୨୨୮୮ ଜଣ, 'ବି୨'ଗ୍ରେଡରେ ୪୧୦୩ ଜଣ, 'ସି' ଗ୍ରେଡରେ ୬୨୫୦ ଜଣ, 'ଡି' ଗ୍ରେଡରେ ୬୯୮୮ ଜଣ, 'ଇ' ଗ୍ରେଡରେ ୩୯୧୭ ଜଣ ଏବଂ 'ଏଫ୍' ଗ୍ରେଡରେ ୩୬୦ଜଣ ପାସ୍ କରିଥିବା ଜଣାପଡିଛି ।

## ଗାଁରେ ପଶିଲା ହାତୀ



ଜହତା ଗାଁରେ ହାତୀ ଚଳପ୍ରଚଳ କରୁଛି।

**ରୂପ୍‌ସା, ୨୫।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ଜହତା ଗ୍ରାମରେ ଶୁକ୍ରବାର ଏକ ଦନ୍ତା ହାତୀ ପଶି ଆସିଥିଲା। ଜଣେ ଚାଷୀଙ୍କ ଆଖୁ ଖସଲ ନଷ୍ଟ କରିବା ଦେଖି ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିଲେ। ବନବିଭାଗକୁ ଖବର ଦେବା ପରେ ବିଭଗୀୟ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇବାରେ ସମର୍ଥ ହୋଇଥିଲେ। ଜହତା, ବାଉଁଶବଣି, ଲଛମନଖୁଣ୍ଟା, ନିମଡିହା ଗାଁ ଦେଇ ଆମ୍ବଗଡ଼ିଆଠାରେ ମୁଖ୍ୟ ରାସ୍ତା ଅତିକ୍ରମ କରି ହାତୀକୁ ମୟୂରଭଞ୍ଜ ସୀମା ପୁରୁଣାପାଣି ଜଙ୍ଗଲରେ ଛାଡ଼ିଥିଲେ। ବନବିଭାଗ କର୍ମଚାରୀଙ୍କ ସହ ରୂପ୍‌ସା ବିଦ୍ୟୁତ୍ ବିଭାଗ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ଓ ଗ୍ରାମବାସୀ ବାଣ ଫୁଟାଇ କୌଶଳକ୍ରମେ ହାତୀକୁ ଘଉଡ଼ାଇଥିଲେ। ମୟୂରଭଞ୍ଜ ବନବିଭାଗ କର୍ମଚାରୀ ସେଠାରେ ପହଞ୍ଚି ହାତୀର ଗତିବିଧି ଅନୁଧ୍ୟାନ କରିଥିଲେ।

# କାର୍ଯ୍ୟକ୍ଷମ ହେଲା ଦେଓ ପ୍ରକଳ୍ପ



ଦେଓ ପ୍ରକଳ୍ପରୁ ପରୀକ୍ଷାମୂଳକ ପାଣି ଛଡ଼ାଯାଉଥିବା ସମୟରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

**ବାରିପଦା ଅଫିସ/ ଠାକୁରମୁଣ୍ଡା,୨୫।୬(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ହାତୀବାରିଠାରେ ନିର୍ମାଣାଧୀନ ବହୁ ପ୍ରତୀକ୍ଷିତ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ଶୁକ୍ରବାର ପରୀକ୍ଷାମୂଳକ ଭାବେ ପ୍ରକଳ୍ପରୁ କେନାଲରେ ପାଣି ଛଡ଼ାଯାଇଛି। କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି ସ୍ମିଥ୍ ପି.ପରମାର, କରଞ୍ଜିଆ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ଦେଓ ପ୍ରକଳ୍ପର ମୁଖ୍ୟ ବାଦଲ କୁମାର ସାହୁ, ନିର୍ବାହୀ ଯନ୍ତ୍ରୀ ଅନୀଲ କୁମାର ପାଣିଗ୍ରାହୀ ପ୍ରମୁଖ ଏହାର ଉଦ୍‌ଘାଟନ କରିଛନ୍ତି। ଦୀର୍ଘ ୨୯ ବର୍ଷ ପରେ ମୟୂରଭଞ୍ଜ ଓ କେନ୍ଦୁଝରବାସୀଙ୍କ ସ୍ୱପ୍ନ ପୂରଣ ହୋଇଥିବା ବେଳେ ହଜାର ହଜାର ଚାଷୀ ଏଥିରୁ ଉପକୃତ ହୋଇପାରିବେ। ପ୍ରକଳ୍ପର ଦକ୍ଷିଣ କେନାଲରେ ଥିବା ୩୨.୬୯ କି.ମି. ପର୍ଯ୍ୟନ୍ତ ପାଣି ଛଡ଼ାଯାଇଛି। ଖରିଫ ଚାଷ ପାଇଁ ଏହି ପାଣି ୩୫ ଶହ ହେକ୍ଟର ଚାଷଜମିକୁ ଜଳସେଚିତ ହେବାକୁ ଥିବାରୁ ଚାଷୀ ମହଲରେ ଖୁସିର ଲହରୀ ଖେଳିଯାଇଛି।

ସେହିପରି ପ୍ରକଳ୍ପର ଉତ୍ତରରେ ଥିବା ୨୫.୩୦ କି.ମି. କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମୟୂରଭଞ୍ଜ ଜିଲା ପାଞ୍ଚପିଢ ଉପଖଣ୍ଡର ୬ ହଜାର ୬୭୭ ହେକ୍ଟର ଓ କେନ୍ଦୁଝର ଜିଲାର ୩ ହଜାର ୨୨୩ ହେକ୍ଟର ଜମିରେ ଜଳସେଚନ ହୋଇପାରିବ। ପ୍ରକାଶ ଯେ, ଏହି ପ୍ରକଳ୍ପ ନିମନ୍ତେ ୧୯୯୨ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା। ବହୁ ବାଦବିବାଦ ମଧ୍ୟରେ ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ଯାଉଛି।

## ଆଶାକର୍ମୀଙ୍କ ବିକ୍ଷୋଭ

**ବାରିପଦା ଅଫିସ,୨୫।୬**

ଓଡ଼ିଶା ଆଶାକର୍ମୀ ଆସୋସିଏଶନର ମୟୂରଭଞ୍ଜ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପଥପ୍ରାନ୍ତ ସଭା ମାଧ୍ୟମରେ ଦାବି ଉପସ୍ଥାପନ କରାଯାଇଛି। ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କମିଟି ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଛି। ଜିଲା ଉପସଭାପତି ଅକ୍ଷୟ କୁମାର ଖୁଣ୍ଟିଆଙ୍କ ନେତୃତ୍ୱରେ ସିଆଟିୟୁର ଜିଲା ସଭାପତି ରବି ଗୋସ୍ୱାମୀ, ସମ୍ପାଦକ ଅମଲ ଦେ, ଆଶାକର୍ମୀ ଆସୋସିଏଶନର ଜିଲା ସମ୍ପାଦିକା ରେବତୀ ପରିଡ଼ା, ଉର୍ମିଳା ଦାସ, ଅଶୋକ ବେହେରା, ସୁକେଶିନୀ ବାରିକ, ବାସ୍ତନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଚାନ୍ଦବାଲି, ୨୫।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ହରିଶପୁର ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଞ୍ଜୟ ମାଝୀ। କରଞ୍ଜମାଳ ନରେନ୍ଦ୍ରପୁର ଗ୍ରାମର ଗୌରାଙ୍ଗ ମାଝୀଙ୍କ ପୁଅ ସଞ୍ଜୟ ହରିଶପୁର ତାଙ୍କ ମାଉସୀ ଘରକୁ ବୁଲିବାକୁ ଆସିଥିଲେ। ଶୁକ୍ରବାର ସେ ଗାଁରେ ବିପଜ୍ଜନକ ଭାବେ ଝୁଲୁଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ମାଉସୀ ଘର ଲୋକେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାତ୍ୟା ୟାସ୍ ପରେ ଚଢ଼ଦିଆ ପଞ୍ଚାୟତର ଅଧିକାଂଶ ସ୍ଥାନରେ ୧୧ କେଭି ବିଦ୍ୟୁତ୍ ତାର ଓହଳି ରହିଥିବାରୁ ଏଥିପ୍ରତି ବିଦ୍ୟୁତ୍ ବିଭାଗ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ୧ରୁ ନିଲାମ ବାତିଲ ଦାବିରେ ଆନ୍ଦୋଳନ

**ଭଣ୍ଡାରିପୋଖରୀ,୨୫।୬(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ବାଲିପୋଖରୀ ପଞ୍ଚାୟତର ବାଲିପୋଖରୀ ଏସ୍‌କେପ ସମ୍ମୁଖ ଜଗନ୍ନାଥପ୍ରସାଦଠାରେ ବୈତରଣୀ ନଦୀ ସଇରାତକୁ ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇଛି। ଏହି ନିଲାମକୁ ବାତିଲ ଦାବି କରି ଗ୍ରାମବାସୀ ଆନ୍ଦୋଳନ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ଆବାହକ ସୁଧୀର ଚନ୍ଦ୍ର ଜେନା ଆନ୍ଦୋଳନ ନେଇ ଜିଲାପାଳ, ଏସ୍‌ପି ଓ ସ୍ଥାନୀୟ ତହସିଲଦାରଙ୍କୁ ପତ୍ର ମାଧ୍ୟମରେ ଜଣାଇବା ସହ ସଇରାତ ନିଲାମ ବାତିଲ ଲାଗି ନିବେଦନ କରିଛନ୍ତି।

## ଲାଞ୍ଚ ନ ଦେବାରୁ ମାଡ଼ ଅଭିଯୋଗ

**ଭଦ୍ରକ ଅଫିସ,୨୫।୬**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଗୋରାମାଟି ପଞ୍ଚାୟତ ଚକପୁର ଗାଁରେ ଲାଞ୍ଚ ନ ଦେବାରୁ ଜଣେ ଲୋକପ୍ରତିନିଧି ଓ ତାଙ୍କ ସମର୍ଥକମାନେ ମାଡ଼ ମାରିଥିବା ନେଇ ସାବରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ଦୁଇଜଣ ଆହତ ହୋଇ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ପୋଲିସ ଘଟଣାର ତଦନ୍ତ କରୁଛି।

ଚକପୁର ଗାଁର କୁନ୍ତଳା ରଣାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ପ୍ରହ୍ଲାଦଙ୍କୁ ଉକ୍ତ ଲୋକପ୍ରତିନିଧି ଓ ତାଙ୍କ ସମର୍ଥକ ଇନ୍ଦିରା ଆବାସ ବିଲ୍ କରାଇଦେବା ପାଇଁ ଲାଞ୍ଚ ମାଗିଥିଲେ। ଗତ ମାସ ୧୦ ତାରିଖରେ ଏହି ଲାଞ୍ଚ ମାଗିବାର ଏକ ଅଡିଓ ପ୍ରହ୍ଲାଦ ନିଜ ଫେସବୁକ ଆକାଉଣ୍ଟରେ ଛାଡ଼ିଥିଲେ। ନିକଟରେ ଘର ଛାତ ପଡ଼ିବା ପରେ ସେ ବିଲ୍ ପାଇଁ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ଲୋକପ୍ରତିନିଧି ଏବଂ ସମର୍ଥକମାନେ ପ୍ରହ୍ଲାଦ ଓ ତାଙ୍କ ଭାଇଙ୍କ ହାତ ମୁହଁ ବାନ୍ଧି ମାଡ଼ ମାରିବା ସହ ପାଖରେ ଥିବା ୨୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏହାସହ ସାଧା କାଗଜରେ ଦସ୍ତଖତ କରାଇ ନେଇ ଭାଇରାଲ ଅଡିଓ ସମ୍ପର୍କରେ ସବୁ ସମାଧାନ ହୋଇଯାଇଥିବା ଲେଖାଇ ନେଇଥିଲେ।

## ସୁବର୍ଣ୍ଣରେଖା ବାଲି ଖାଦାନରେ ୪ଜଣିଆ କମିଟି



ବାଲିଖାଦାନ ପରିଦର୍ଶନ କରି ଅଧିକାରୀମାନେ ଫେରୁଛନ୍ତି।

**ଜଳେଶ୍ୱର, ୨୫।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଦେଇ ଯାଇଥିବା ସୁବର୍ଣ୍ଣରେଖା ନଦୀ ପଠାରୁ ବେଆଇନ ବାଲି ଉତ୍ତୋଳନ ନେଇ ବାଦବିବାଦ ଚାଲିଥିବା ବେଳେ କେତେକ ସଙ୍ଗଠନ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ଏନ୍‌ଜିଟି ଜିଲା ପ୍ରଶାସନକୁ ରିପୋର୍ଟ ମାଗିଥିଲେ। ମାତ୍ର ଉକ୍ତ ରିପୋର୍ଟ ଉପରେ ଆବେଦନକାରୀଙ୍କ ପକ୍ଷରୁ ଚ୍ୟାଲେଞ୍ଜ କରାଯିବା ପରେ ଏନ୍‌ଜିଟି ଅସନ୍ତୋଷ ପ୍ରକାଶ କରିବା ସହିତ ଜିଲା ପ୍ରଶାସନକୁ ପୁଣିଥରେ ରିପୋର୍ଟ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଜଳେଶ୍ୱର ତହସିଲର ପାଟଣାଠାରେ ଥିବା ବାଲି ସୈରାତ କ, ଖ, ଗ, ଘ ସହିତ ବସ୍ତା ବ୍ଲକର ବେଣାପୁରା ବାଲି ସୈରାତକୁ ୪ ଜଣିଆ କମିଟି ତଦନ୍ତ କରିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ରାଜ୍ୟ ପ୍ରଦୂଷଣ ବୋର୍ଡର ନରୋତ୍ତମ ବେହେରା, ସେଣ୍ଟ୍ରାଲ ପଲ୍ୟୁଶନ ବୋର୍ଡର ଏନ୍.ପି. ସିଂ, ସିଆ ପକ୍ଷରୁ ପ୍ରଦୀପ କୁମାର ନାୟକଙ୍କ ସହିତ ଏଡିଏମ୍ ନୀଲୁ ମହାପାତ୍ର, ତହସିଲଦାର ଶଙ୍କର ପଟ୍ଟନାୟକ ଓ ଆର୍‌ଆଇ ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ୫୧ ଲକ୍ଷର ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଭଦ୍ରକ ଅଫିସ,୨୫।୬**

ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଶୁକ୍ରବାର ପୂର୍ବାହ୍ନରେ ଧାମରା ଓଭରବ୍ରିଜଠାରେ ବାଇକ୍ ଚେକିଂ ବେଳେ ୫୧୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଏଥିସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ଚରଣ ସିଂ ମୀନା ଗ୍ରାମାଞ୍ଚଳ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୫୧ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ସେ କହିଛନ୍ତି। ଗିରଫ ଯୁବକ ହେଲେ ଭଦ୍ରକ ଉପକଣ୍ଠ ଏରେଇଁ ଅଞ୍ଚଳର ଏସ୍ କେ ରବୁଲ। ସେ ଜଳେଶ୍ୱରରୁ ବ୍ରାଉନସୁଗାର ନେଇ ଆସୁଥିବା ବେଳେ ଧାମରା ଓଭରବ୍ରିଜ ନିକଟରେ ପୋଲିସ ହାବୁଡ଼ରେ ପଡ଼ିଥିଲେ। ପୋଲିସ ତାଙ୍କୁ ଅଟକାଇ ବାଇକ୍ ଚେକିଂ କରିବାରୁ ବ୍ରାଉନସୁଗାର ମିଳିଥିଲା। ଏଥିସହ ଗୋଟିଏ ବାଇକ୍ ଓ ମୋବାଇଲ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା (ନଂ.୨୭୧/୨୧) ରୁଜୁ ହୋଇଛି। ଗିରଫ ଯୁବକଙ୍କ ନାଁରେ ବହୁ ଅପରାଧିକ ମାମଲା ରହିଥିବା ଏସ୍‌ପି ମୀନା ପ୍ରକାଶ କରିଛନ୍ତି।

## ନକଲି ୱେବ୍‌ସାଇଟ ଖୋଲି ଅର୍ଥ ଆଦାୟ

**ଭଦ୍ରକ ଅଫିସ, ୨୫।୬**

କୌଣସି ଏକ ଠକ ସଂସ୍ଥା ଧାମରା ବନ୍ଦର ନାମରେ ଏକ ୱେବ୍‌ସାଇଟ ଖୋଲି ଚାକିରି ଆଶାୟୀ ଯୁବପିଢ଼ିଙ୍କଠାରୁ ବିଭିନ୍ନ ପଦପଦବୀରେ ନିଯୁକ୍ତିର ସୁଯୋଗ ଦେଖାଇ ଅର୍ଥ ଆଦାୟ କରୁଛନ୍ତି। ଏପରି ଏକ ତଥ୍ୟ ବନ୍ଦର ଅଧିକାରୀଙ୍କ ହସ୍ତଗତ ହେବା ପରେ ନକଲି ୱେବସାଇଟକୁ ତୁରନ୍ତ ବନ୍ଦ କରିବା ସହ ଉକ୍ତ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧାମରା ଥାନାରେ ଏତଲା ଦିଆଯାଇଛି। ଏହାସହ ନ୍ୟାଶନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲରେ ଅଭିଯୋଗ କରାଯାଇଛି। ନିଯୁକ୍ତି ଆଶାୟୀ ଯୁବପିଢ଼ିମାନଙ୍କୁ ଏପରି ନକଲି ୱେବସାଇଟଠାରୁ ଦୂରେଇ ରହିବାକୁ ନିବେଦନ କରାଯାଇଛି।

# ତଦନ୍ତ କଲେ ତହସିଲଦାର

**ଚମ୍ପୁଆ, ୨୫।୬ (ଡି.ଏନ.ଏ.)**

**ପଟ୍ଟାଧାରୀଙ୍କୁ ମିଳିଲାନି ଜାଗା**

କେନ୍ଦୁଝର ଜିଲା ଚମ୍ପୁଆ ତହସିଲ ଅଧୀନ ଜାମୁଦଲକ ପଞ୍ଚାୟତର ମଙ୍ଗଳପୁର ଅଞ୍ଚଳର ମୁଣ୍ଡା ସାହିରେ ରହିଥିବା ଆଦିବାସୀଙ୍କୁ ଦୀର୍ଘ ୨୦ ବର୍ଷ ହେବ ଭୂମିହୀନ ପଟ୍ଟା ପ୍ରଦାନ କରାଯାଇଥିଲା। ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ସ୍ଥାନ ତାଙ୍କୁ ବିଧିବଦ୍ଧ ଭାବେ ଚିହ୍ନଟ କରା ନ ଯିବାରୁ ସେମାନେ ପୂର୍ବ ସ୍ଥାନରେ ବସବାସ କରି ଆସୁଥିଲେ। ବିଭାଗୀୟ ଅବହେଳା ପାଇଁ ପଟ୍ଟା ଉଲ୍ଲେଖିତ ଜାଗା ପାଇବାରୁ ବଞ୍ଚିତ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଶେଷରେ ଏହି ସମସ୍ୟାର ସମାଧାନ ଚମ୍ପୁଆ ତହସିଲଦାର ଡା ସାଇସ୍ମିତା ହୋତା ଉଦ୍ୟମ ଆରମ୍ଭ କରିବା ସହିତ ପ୍ରଥମେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ତଦନ୍ତ କରିବା ଓ ପରେ ଖୋଦ ମଙ୍ଗଳପୁର ଆଦିବାସୀଙ୍କ ପାଖରେ ପହଞ୍ଚି ସମସ୍ୟା ସମ୍ବନ୍ଧରେ ପଚାରି ବୁଝିଛନ୍ତି। ଏ ନେଇ ତହସିଲଦାର ହୋତାଙ୍କୁ ପଚାରିବାରୁ ମୁଁ ସେମାନଙ୍କ ସହ ଆଲୋଚନା କରିବାରୁ ଅଧିବାସୀମାନେ ସେଠାରେ କାଜୁ ଜଙ୍ଗଲ ରହିଥିବା ଓ ବଣୁଆ ହାତୀଙ୍କ ଚଲାପଥ ହୋଇଥିବା ସୂଚନା ଦେଇଥିଲେ। ତେଣୁ ତାଙ୍କ ପାଇଁ ରହୁଥିବା ସ୍ଥାନ ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ତାଙ୍କ ଦାବି ସମ୍ବନ୍ଧରେ ମୁଁ ଉପଜିଲାପାଳଙ୍କୁ ଅବଗତ କରାଇବି। ଏଥିପାଇଁ ପଟ୍ଟାଧାରୀମାନେ ଲିଖିତ ଆବେଦନ କଲେ ଏହାର ବିଚାର କରାଯିବ ବୋଲି କହିଛନ୍ତି।

# ଦକ୍ଷିଣପୂର୍ବ ରେଳପଥର ତୃତୀୟ ଲାଇନ ଲାଗି ତଦନ୍ତ

**ଜଳେଶ୍ୱର, ୨୫।୬(ଡି.ଏନ.ଏ.)**



ରେଲୱେ ଅଧିକାରୀମାନେ ତଦନ୍ତ କରୁଛନ୍ତି।

ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ରେଲଷ୍ଟେସନ ଉପରେ ଜଳେଶ୍ୱର, ବାଲିଆପାଳ, ଭୋଗରାଇ, ରାସଗୋବିନ୍ଦପୁର, ରାଇବଣିଆ ଅଞ୍ଚଳ ସହିତ ପଶ୍ଚିମବଙ୍ଗର ପୂର୍ବ ଓ ପଶ୍ଚିମ ମେଦିନୀପୁର ଜିଲାର ବହୁ ଅଞ୍ଚଳର ଲୋକମାନେ ନିର୍ଭର କରନ୍ତି। ଏହା ଦକ୍ଷିଣ ପୂର୍ବ ରେଳ ଡିଭିଜନ ଅଧୀନରେ ରହିଛି। ବାର୍ଷିକ ୧୦କୋଟିରୁ ଅଧିକ ରାଜସ୍ୱ ଦେଇ ଆସୁଥିବା ବେଳେ ଷ୍ଟେଶନର ମାନ୍ୟତା ଏନ୍‌ଏସ୍‌ଜି ୪କୁ ପରିବର୍ତ୍ତନ ହୋଇନାହିଁ। ଜଳେଶ୍ୱରବାସୀଙ୍କ ପକ୍ଷରୁ ବହୁ ସଙ୍ଗଠନ ସହିତ ସମାଜ କଲ୍ୟାଣ ବିକାଶ ପରିଷଦ ବହୁବାର ଖଡଗପୁର ଡିଆର୍‌ଏମ୍ ଓ କୋଲକାତାର ଗାଡେନ୍‌ରିଚଠାରେ ଅତିରିକ୍ତ ଜିଏମ୍‌ଙ୍କ ସହିତ ଆଲୋଚନା କରିଥିଲେ। ୩ୟ ରେଲଲାଇନ୍ ନିର୍ମାଣ ବେଳେ ଦାବିକୁ ପ୍ରାଧାନ୍ୟ ଦିଆଯିବ ବୋଲି ରେଳବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏବେ ୩ୟ ରେଳପଥ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟକାରୀ ନ ହେବାରୁ ଜଳେଶ୍ୱରବାସୀଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶୁକ୍ରବାର ଡିଆର୍‌ଏମ୍ ମନୋରଞ୍ଜନ ପ୍ରଧାନ, ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ ବି.କେ ଜୈନ, ଡେପୁଟି ଯନ୍ତ୍ରୀ ବମ୍. ବମ୍ ପାଣ୍ଡେ, ସହକାରୀ ଯନ୍ତ୍ରୀ ରାଜୀବ ଚୌଧୁରୀ, ମୁଖ୍ୟ ଡିଭିଜନାଲ ଅପରେଟିଂ ମ୍ୟାନେଜର ସତ୍ୟେନ୍ଦ୍ର ବର୍ମା, ମୁଖ୍ୟ କମର୍ସିଆଲ ମ୍ୟାନେଜର ମନୋଜ କୁମାର ସିଂ, କମର୍ସିଆଲ ମ୍ୟାନେଜର ଆଶୁତୋଷ ସିଂଙ୍କ ସହିତ ବହୁ ପଦସ୍ଥ ଅଫିସର ପହଞ୍ଚି ସର୍ବେକ୍ଷଣ କରିଥିଲେ । ଷ୍ଟେଶନର ମୁଖ୍ୟ କୋଠା ୧ନଂ. ପ୍ଲାଟଫର୍ମରେ ନ କରି ୪ନଂ. ପ୍ଲାଟଫର୍ମରେ ସଙ୍କୁଚିତ ଭାବେ କରାଯାଉଥିବା ଜଣାପଡ଼ିବା ପରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମାଜକଲ୍ୟାଣ ବିକାଶ ପରିଷଦର ସମ୍ପାଦକ ହାଇକୋର୍ଟ ଆଇନଜୀବୀ ରାମଚନ୍ଦ୍ର ଜେନା ଓ ଭାଜପା ନେତା ଅରୁଣ ବେଜ ଉପସ୍ଥିତ ଥିଲେ। ବୈଠକରେ ଷ୍ଟେଶନ ମ୍ୟାନେଜର ଖଗେନ୍ଦ୍ର ମଣ୍ଡଳ, ରାମଚନ୍ଦ୍ର ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

